# Chapter- 9

# ରାମାୟଣ କଥା

**QUESTION BANK**

**ସଂକ୍ଷିପ୍ତ ଉତ୍ତର ଲେଖ ।**

୧. ରାମାୟଣ କଥାର ଲେଖକ କିଏ ?

୨. ଅଯୋଧ୍ୟାର ରାଜା କିଏ ଥିଲେ ?

୩. ଦଶରଥଙ୍କର କେତେ ରାଣୀ ଥିଲେ ?

୪. ରାମଚନ୍ଦ୍ରଙ୍କ ମାତାଙ୍କ ନାମ କ'ଣ ଥିଲା ?

୫. ଶତ୍ରୁଘ୍ନଙ୍କ ମାତାଙ୍କ ନାମ କ'ଣ ଥିଲା ?

୬. ସୀତା କେଉଁ ଦେଶର ରାଜକନ୍ୟା ଥିଲେ ?

୭. ଜନକ କିଏ ?

୮. ଦଶରଥ ଜନକଙ୍କର କ'ଣ ହେବେ ?

୯. ଲକ୍ଷ୍ମଣ କାହାର ଅନୁଗତ ଥିଲେ ?

୧୦. ରାମଙ୍କ ବନବାସ ଖବର ପାଇ ଅଯୋଧ୍ୟାବାସୀ କାହିଁକି କ୍ରନ୍ଦନ କଲେ ?

୧୧. କୈକେୟୀ ଦଶରଥଙ୍କୁ କେଉଁ ଦୁଇଟି ବର ମାଗିଥିଲେ ?

୧୨. ଦୁଷ୍ଟା ଦାସୀ କିଏ ଥିଲେ ?

୧୩. ଦଶରଥ କେଉଁ ପରିସ୍ଥିତିରେ ପ୍ରାଣତ୍ୟାଗ କଲେ ?

୧୪. ଭରତ ଚିତ୍ରକୂଟରୁ ଫେରି କିଭଳି ରାଜ୍ୟ ଶାସନ କଲେ ?

୧୫. ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ ?

୧୬. ସୀତାଦେବୀ ଲଙ୍କାଗଡରେ ଥିବା ଖବର ରାମଚନ୍ଦ୍ର କିପରି ପାଇଲେ ?

୧୭. ରାବଣଙ୍କୁ ଦୁର୍ମତି କହିବାର କାରଣ କ'ଣ ?

ODM EDUCATIONAL GROUP
Changing your Tomorrow

୧୮. ରାମାୟଣରୁ ଭ୍ରାତୃଭକ୍ତିର କି ସୂଚନା ମିଳେ ?

୧୯. ସୁଗ୍ରୀବ କିଏ ? ସେ କେଉଁ ରାଜ୍ୟର ଥିଲେ ?

୨୦. ରାମାୟଣ କଥା ବିଷୟରୁ ଆମେ କ'ଣ ଶିଖିଲୁ ?

୨୧. ଚାରଟି ଯୁଗର ନାମ ଲେଖ ।

୨୨. ସଂସ୍କୃତରେ ରାମାୟଣ କିଏ ଲେଖିଥିଲେ ?

୨୩. ରାମଚନ୍ଦ୍ରଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ କେଉଁମାନେ ଓ କାହିଁକି ପରାମର୍ଶ ଦେଲେ ?

୨୪. ରାମଚନ୍ଦ୍ର ଲବକୁଶଙ୍କ ପରିଚୟ କିପରି ପାଇଲେ ?

୨୫. ଭରତଙ୍କ ଚରିତ୍ର ବିଷୟରେ ଲେଖ ।

୨୬. କୁଶ ଓ ଲବ ଯଜ୍ଞସ୍ଥଳରେ କିପରି ଭାବେ ସମସ୍ତଙ୍କୁ ମୁଗ୍ଧ କରେ ?

୨୭. ରାମାୟଣରୁ କେଉଁ ସୁଶିକ୍ଷା ମିଳୁଛି ?

୨୮. ରାମାୟଣ ସୀତାଙ୍କ ସୁନାମୂର୍ତ୍ତି ତିଆରି କରାଇଥିଲେ କାହିଁକି ?

୨୯. ଯଜ୍ଞସ୍ଥଳରେ ସୀତାଙ୍କ ଅବସ୍ଥା କ'ଣ ହେଲା ?

୩୦. ରାମଚନ୍ଦ୍ର ସୀତାଙ୍କୁ ବର୍ଜନ କରିବାର କାରଣ କ'ଣ ଥିଲା ?

୩୧. ରାମଚନ୍ଦ୍ର କେଉଁ ଯଜ୍ଞର ଆୟୋଜନ କଲେ ?

୩୨. ଭକ୍ତକବି କିଏ ?

୩୩. ବର୍ଣ୍ଣବୋଧ କିଏ ରଚନା କରିଥିଲେ ?

**ସପ୍ରସଙ୍ଗ ସରଳାର୍ଥ ଲେଖ ।**

୩୪. ରାଜ୍ୟର ସମସ୍ତ ଲୋକ ଏହି ସମ୍ବାଦରେ ହାହାକାର କରିବାକୁ ଲାଗିଲେ ଓ ଘରେ ଘରେ କ୍ରନ୍ଦନର ରୋଳ ଉଠିଲା ।

୩୫. ସତୀ ସୀତାଙ୍କର ନୟନବାରୀ କାଳାନଳ ପ୍ରାୟ ଲଙ୍କାପୁରୀକୁ ଭସ୍ମ କରି ଦେଲା ।

୩୬. ତାହାଙ୍କର ଏହି ପ୍ରକାର ସ୍ୱାର୍ଥ ତ୍ୟାଗ ଓ ବୈରାଗ୍ୟ ଦେଖି ସମସ୍ତେ ବିସ୍ମୟାନ୍ୱିତ ହୋଇ ତାଙ୍କୁ ଧନ୍ୟ ଧନ୍ୟ କହିବାକୁ ଲାଗିଲେ ।

ODM EDUCATIONAL GROUP Changing your Tomorrow

**ଉତ୍ତର ପର୍ଯ୍ୟାୟରୁ ସଠିକ୍ ଉତ୍ତରଟି ବାଛି ଲେଖ ।**

୩୭. ଦଶରଥ କେଉଁ ରାଜ୍ୟର ରାଜା ଥିଲେ ?

(i)ମଥୁରା (ii)ଅଯୋଧ୍ୟା (iii)ବାରଣାସୀ (iv)ମିଥିଳା

୩୮. ମନ୍ଥରା କିଏ ?

(i)କୈକେୟୀଙ୍କ ଭଉଣୀ (ii)ସୁମିତ୍ରାଙ୍କ ଭଉଣୀ (iii)ଜଣେ ଦୁଷ୍ଟାଦାସୀ (iv)ଦଶରଥଙ୍କ ମାଆ

୩୯. ସୀତା କେଉଁ ରାଜ୍ୟର ରାଜକୁମାରୀ ଥିଲେ ?

(i)ମିଥିଳା (ii)ଅଯୋଧ୍ୟା (iii)କିଷ୍କିନ୍ଧ୍ୟା (iv)କୋଶଳ

୪୦. କାହାର ମନ୍ତ୍ରଣାରେ କୈକେୟୀ ଦଶରଥଙ୍କୁ ବର ମାଗିଲେ ?

(i)ସୁମିତ୍ରା (ii)କୌଶଲ୍ୟା (iii)ମାଣ୍ଡବୀ (iv)ମନ୍ଥରା

୪୧. ଭରତ ରାମଚନ୍ଦ୍ରଙ୍କ ବନବାସ ସମ୍ବାଦ କେଉଁଠାରେ ପାଇଥିଲେ ?

(i)କିଷ୍କିନ୍ଧ୍ୟାରେ (ii)ମାତୁଳାଳୟରେ (iii)ମିଥିଳାରେ (iv)ଚିତ୍ରକୂଟ ପର୍ବତରେ

୪୨. ଭରତ ରାମଚନ୍ଦ୍ରଙ୍କୁ କେଉଁଠାରେ ଭେଟିଥିଲେ ?

(i)ଘନ ଅରଣ୍ୟରେ (ii)ଚିତ୍ରକୂଟ ପର୍ବତରେ (iii)ଲଙ୍କାପୁରରେ (iv)ସରଯୂ ନଦୀ କୂଳରେ

୪୩. ଦଶରଥଙ୍କର କେତେଜଣ ରାଣୀ ଥିଲେ ?

(i)ଦୁଇ (ii)ତିନି (iii)ପାଞ୍ଚ (iv)ଏଗାର

୪୪. କିଏ ରାମଙ୍କର ଅତ୍ୟନ୍ତ ଅନୁଗତ ଥିଲେ ?

(i)ସୀତା (ii)ଲକ୍ଷ୍ମଣ (iii)ଭରତ (iv)ଶତ୍ରୁଘ୍ନ

୪୫. ବାକ୍ୟଗଠନ କର ।

ଅନୁଗତ, ପାଦୁକା, ଅନୁରକ୍ତ, ଦୁର୍ମତି, କାଳାନଳ, ଯମଜ

୪୬. ବିପରୀତ ଶବ୍ଦ ଲେଖ ।

ପ୍ରାଚୀନ, ଅନୁରାଗ, ଆନନ୍ଦ, ଜ୍ୟେଷ୍ଠା, ସଦ୍‌ଗୁଣ, ସନ୍ତୁଷ୍ଟ

୪୭. ଲିଙ୍ଗ ପରିବର୍ତ୍ତନ କର ।

ରାଜା, ପୁତ୍ର, କୁମାର, ନର, ଭାଇ, ପିତା, ବୃଦ୍ଧ

****

ODM EDUCATIONAL GROUP Changing your Tomorrow